## ସଂକ୍ଷେପରେ

### ୩ ପଞ୍ଚାୟତ ଶଟ୍‌ଡାଉନ

ବାରିପଦା ଅଫିସ/କପ୍ତିପଦା/ଚିତ୍ରଡ଼ା,୧୩।୭(ଡି.ଏନ.ଏ.)- କରୋନା ସଂକ୍ରମଣ ରୋକିବା ପାଇଁ ମୟୂରଭଞ୍ଜ ଜିଲାର ୩ ପଞ୍ଚାୟତକୁ ଶଟ୍ ଡାଉନ୍ ଘୋଷଣା କରାଯାଇଛି। ରରୁଆଁ ବ୍ଲକ ଅଧୀନ ରରୁଆଁ ପଞ୍ଚାୟତକୁ ସ୍ଥାନୀୟ ସରପଞ୍ଚ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ୫ ଦିନ ପାଇଁ ଶଟ୍ ଡାଉନ୍ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ପଞ୍ଚାୟତରୁ ଗୋଟିଏ ଦିନରେ ୨ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ମୋରଡ଼ା ବ୍ଲକ ଚଡେଇଗାଁ ପଞ୍ଚାୟତକୁ ମଧ ସ୍ଥାନୀୟ ସରପଞ୍ଚ ୭୨ ଘଣ୍ଟା ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେହିପରି କପ୍ତିପଦା ବ୍ଲକ ଅଧୀନ ଜଡିଦା ପଞ୍ଚାୟତକୁ ନାଏବ ସରପଞ୍ଚ ଅନ୍ତର୍ଯ୍ୟାମୀ ରଣା ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଉକ୍ତ ପଞ୍ଚାୟତର ବାଘମରା, ବେହେରା ସାହି, ଜଡିଦା ଓ ନେଦାମ ଅଞ୍ଚଳର ଲୋକେ ବିଶେଷ ସତର୍କତା ଅବଲମ୍ବନ କରିବା ପାଇଁ କୁହାଯାଇଛି।

### ୩ ଦୋକାନ, ବ୍ୟାଙ୍କ କିଓସ୍କ ସିଲ୍

ପଦ୍ମପୁର, ୧୩।୭(ଡି.ଏନ୍.ଏ.)- ବାସୁଦେବପୁର ବ୍ଲକରେ ରବିବାର ଶଟ୍‌ଡାଉନରେ ଦୋକାନ ଖୋଲିଥିବାରୁ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ୩ ଦୋକାନକୁ ସିଲ୍ କରିଛନ୍ତି। ଚାନ୍ଦିମାଳ ବଜାରରେ ଏକ ବ୍ୟାଙ୍କ କିଓସ୍କ ରାତିରେ ଖୋଲାଥିବାରୁ ତାକୁ ମଧ ସିଲ୍ କରାଯାଇଛି। ବିନା ମାସ୍କରେ ବୁଲୁଥିବା ୫ ଅମାନିଆଙ୍କଠାରୁ ୧୫୦୦ ଜରିମାନା ଆଦାୟ କରାଯାଇଛି।

### ଧାନ କିଣାରେ ଦୁର୍ନୀତି ଅଭିଯୋଗ ଆଣିଲା ଭାଜପା

କେନ୍ଦୁଝର, ୧୩।୩(ସ୍ୱ.ପ୍ର.)-କେନ୍ଦୁଝର ଜିଲାରେ ଗତ ଖରିଫ ଧାନ କିଣାରେ ବ୍ୟାପକ ଦୁର୍ନୀତି ଓ ହେରଫେର ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଚାଷୀ ଧାନମଣ୍ଡିରେ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଧାନ ଦେଇଥିଲେ ମଧ ଆଜି ପର୍ଯ୍ୟନ୍ତ ପାଉଣା ନ ପାଇ ବାରମ୍ବାର ଆନ୍ଦୋଳନ, ଧର୍ମଘଟ ବାରମ୍ବାର କଲାପରେ କୈଣସି ଫଳ ନ ମିଳିବାରୁ ଶେଷରେ ବାଧହୋଇ ସେବା ସମବାୟ ସମିତିରେ ତାଲା ପକାଇ ଦେଇଛନ୍ତି। ତାହାର ନଗ୍ନ ଉଦାହରଣ ସାହାରପଡା ସେବା ସମବାୟ ସମିତି ଅଟେ। ରାଜ୍ୟ ସରକାର ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ସମାଧାନ କରି ଧାନ ବିକ୍ରି କରି ପାଉଣା ପାଇନଥିବା ଚାଷୀମାନଙ୍କୁ ଟଙ୍କା ପ୍ରଦାନ କରିବାକୁ ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପ ସଭାପତି ମହେଶର ସାହୁ ଦାବି କରିଛନ୍ତି।

### ଆସିଲାନି ଦମକଳ, ଜଳିଗଲା ଘର

ପଦ୍ମପୁର/ବାସୁଦେବପୁର,୧୩।୭ (ଡି.ଏନ୍.ଏ.) - ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜିରେଇଗଡ଼ି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ରତିକାନ୍ତ ଅଗସ୍ତିଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଦମକଳ ଅଫିସକୁ ବାରମ୍ବାର ଫୋନ୍ କରିଥିଲେ ସୁଦ୍ଧା ଫୋନ ଲାଗି ନ ଥିଲା। ଏହାପରେ ଗ୍ରାମବାସୀ ତହସିଲଦାରଙ୍କୁ ଯୋଗାଯୋଗ କରିଥିଲେ। ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ମଧ ଦମକଳ ଅଫିସକୁ ଯୋଗାଯୋଗ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ସୋମବାର ତହସିଲଦାର ଗ୍ରାମରେ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ୨ଟି ପଲିଥିନ ଯୋଗାଇଦେବା ସହ ସରକାରୀ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

### ନିଆଁରେ ପୋଡ଼ି ମହିଳା ଗୁରୁତର

ବାସୁଦେବପୁର,୧୩।୭(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍‌ର ଇରମ ପଞ୍ଚାୟତର ସେଠୀସାହିରେ ଚଗୁଲୁ ସେଠୀଙ୍କ ସ୍ତ୍ରୀ ସଞ୍ଜୁଲତା ସୋମବାର ମଧ୍ୟାହ୍ନରେ ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ବାସୁଦେବପୁର ଡାକ୍ତରଖାନାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ପଠାଯାଇଛି। ମହିଳା ଜଣକ ନିଆଁରେ ପୋଡ଼ିହେବାର କାରଣ ଜଣାପଡ଼ିନାହିଁ।

### ପୋଖରୀରେ ବୁଡ଼ି ଯୁବକ ମୃତ

ବାସୁଦେବପୁର,୧୩।୭(ଡି.ଏନ୍.ଏ.)- ବାସୁଦେବପୁର ବ୍ଲକ ଚୂଡ଼ାମଣି ଆଡ଼ିଆ ଗ୍ରାମର ଶଶିକାନ୍ତ ଦାସ(୪୦) ସୋମବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଶଶିକାନ୍ତ ଅସାବଧାନବଶତଃ ପୋଖରୀରେ ପଡ଼ିଯାଇଥିଲେ, ହେଲେ ଆଉ ଉଠିପାରି ନ ଥିଲେ। ପରେ ତାଙ୍କ ମୃତଦେହ ପୋଖରୀରୁ ଉଦ୍ଧାର ହୋଇଛି। ଏନେଇ ଚୂଡ଼ାମଣି ସାମୁଦ୍ରିକ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୭/୨୦) ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଯାଇଛି।

# ସମନ୍ୱିତ ଆୟୁଷ ହସ୍ପିଟାଲ ପ୍ରକଳ୍ପକୁ ଅପେକ୍ଷା

ବାଲେଶ୍ୱର ଅଫିସ,୧୩।୭

- ଚିହ୍ନଟ ହୋଇସାରିଛି ୫ ଏକର ଜମି
- ବିଳମ୍ବ ନେଇ ବଢୁଛି ଅସନ୍ତୋଷ

ଆଧୁନିକ ଔଷଧ ଓ ବ୍ୟୟବହୁଳ ଚିକିତ୍ସା ପଦ୍ଧତିରେ ପାର୍ଶ୍ୱ ପ୍ରତିକ୍ରିୟା ଥିବାରୁ ଏକ ସୁସ୍ଥ ଜୀବନ ପାଇଁ ଜନସାଧାରଣ ଆୟୁର୍ବେଦ ଚିକିତ୍ସା ପଦ୍ଧତିକୁ ଆପଣାଉଛନ୍ତି। ଆୟୁର୍ବେଦ ଏକ ପୁରାତନ, ପାର୍ଶ୍ୱ ପ୍ରତିକ୍ରିୟାବିହୀନ ତଥା ନିରାପଦ ଚିକିତ୍ସା ପଦ୍ଧତି। ପ୍ରାଚୀନ କାଳରୁ ଏହି ଚିକିତ୍ସା ପଦ୍ଧତି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଆସିଛି। ଦୁର୍ଭାଗ୍ୟର ବିଷୟ ଯେ, ଏହାର ପ୍ରସାର ଦିଗରେ ରାଜ୍ୟ ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। ବାଲେଶ୍ୱର ଜିଲାକୁ ତା'ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ।

ଜିଲାରେ ଏକ ସମନ୍ୱିତ ଆୟୁଷ ହସ୍ପିଟାଲ ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଥିଲା। ୨୦୧୮ରେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଜିଲାରେ ୫୦ଶଯ୍ୟା ବିଶିଷ୍ଟ ଏକ ସମନ୍ୱିତ ଆୟୁଷ ହସ୍ପିଟାଲ ପ୍ରତିଷ୍ଠା କରାଯାଇ ରୋଗୀଙ୍କୁ ଆୟୁର୍ବେଦ, ଯୋଗ, ୟୁନାନି, ସିଦ୍ଧ ଓ ହୋମିଓପ୍ୟାଥିକ୍ ଚିକିତ୍ସା କରାଯିବ ବୋଲି ସ୍ଥିର ହୋଇଥିଲା। ଏଥିପାଇଁ ରେମୁଣା ବ୍ଲକ ଅଚ୍ୟୁତପୁରଠାରେ ଆବଶ୍ୟକ ୫ ଏକର ଜମି ଚିହ୍ନଟ କରାଯାଇ ଜିଲା ପ୍ରଶାସନ ପକ୍ଷରୁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟକୁ ହସ୍ତାନ୍ତର କରାଯାଇଛି। ନିକଟରେ ଗୃହ ନିର୍ମାଣ ବିଭାଗ ଦ୍ୱାରା ଉକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ୧୨କୋଟି ଟଙ୍କାର ଆକଳନ କରାଯାଇ ତା'ର ଏକ ରିପୋର୍ଟ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟକୁ ପଠାଯାଇଛି। ଜନସାଧାରଣ ଏହାକୁ ଅପେକ୍ଷାକରି ରହିଥିଲେ ହେଁ ଏଯାଏ ତ୍ୱରାନ୍ୱିତ ନ ହେବା ଦୁଃଖର ବିଷୟ। ତୃଣମୂଳସ୍ତରରେ ବିଭିନ୍ନ କାରଣରୁ ତାହା ସଫଳ ହୋଇପାରୁ ନ ଥିବା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଆରମ୍ଭ କରା ନ ଗଲେ ଜିଲାର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା କହନ୍ତି, ଦୀର୍ଘଦିନ ଆନ୍ଦୋଳନ ପରେ ସମନ୍ୱିତ ଆୟୁଷ ହସ୍ପିଟାଲ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। କେନ୍ଦ୍ର ସରକାର ୨୦୧୮-୧୯ରେ ଅର୍ଥ ମଞ୍ଜୁର କରିଥିଲେ ମଧ ଜମି ଚିହ୍ନଟ ହୋଇ ନ ପାରି ଟଙ୍କା ଫେରସ୍ତ ଯାଇଥିଲା। ଚଳିତବର୍ଷ ପ୍ରଶାସନ ପକ୍ଷରୁ ସ୍ଥାନ ନିରୂପଣ କରାଯାଇ ଜମିର କାଗଜପତ୍ର ବିଭାଗୀୟ ହସ୍ତାନ୍ତର ପାଇଁ ଆରଡ଼ିସି (କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର) କାର୍ଯ୍ୟାଳୟକୁ ପଠାଯାଇଛି। ଚଳିତ ୨୦୧୯-୨୦ରେ ପୁଣିଥରେ ଟଙ୍କା ଆସିଥିବାରୁ ଜମି ହସ୍ତାନ୍ତରିତ ହେବା ପରେ କାର୍ଯ୍ୟ ଆରମ୍ଭ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। କିନ୍ତୁ କାର୍ଯ୍ୟ ବିଳମ୍ବ ନେଇ ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ତ୍ରିଲୋଚନ ଧଳ କହନ୍ତି, କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ୫ ଏକର ଜମି ଚିହ୍ନଟ ସରିଛି। ଗୃହ ନିର୍ମାଣ ବିଭାଗ ଦ୍ୱାରା ପ୍ରକଳ୍ପ ପ୍ରସ୍ତୁତ କରାଯାଇ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟକୁ ପଠାଯାଇଛି। ସେଠାରୁ ନିର୍ଦ୍ଦେଶ ଆସିବା ପରେ ହସ୍ପିଟାଲ ନିର୍ମାଣ କାମ ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

ବାଲେଶ୍ୱର ଅଫିସ/ ଭଦ୍ରକ ଅଫିସ/ବାରିପଦା ଅଫିସ/କେନ୍ଦୁଝର, ୧୩।୭ (ସ୍ୱ.ପ୍ର./ଡି.ଏନ.ଏ.)

**ବାଲେଶ୍ୱର ୨୭, ଭଦ୍ରକ ୨, କେନ୍ଦୁଝର ୨୩, ମୟୂରଭଞ୍ଜ ୧୩ ନୂଆ ପଜିଟିଭ୍**

ଉତ୍ତରଓଡ଼ିଶାରେ ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗୋଟିଏ ଦିନରେ ୬୫ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ବାଲେଶ୍ୱର ଜିଲାରେ ୨୭, ଭଦ୍ରକ ୨, କେନ୍ଦୁଝର ୨୩ ଓ ମୟୂରଭଞ୍ଜରେ ୧୩ଜଣ ଅଛନ୍ତି। ଫଳରେ ବାଲେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୪୬ ହୋଇଛି। ସେମାନଙ୍କ ମଧ୍ୟରୁ ୩୯୫ଜଣ ସୁସ୍ଥ ହୋଇଥିବା ବେଳେ ୨ଜଣଙ୍କର ମୃତ୍ୟୁ ହୋଇଛି। ଭଦ୍ରକ ଜିଲା ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୯୬ ଛୁଇଁଛି। ନୂଆ ୨ ପଜିଟିଭଙ୍କ ମଧ୍ୟରୁ ଜଣେ ଭଣ୍ଡାରିପୋଖରୀ ବ୍ଲକ ଚିଙ୍ଗୁଡ଼ିପୁର ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ର ଓ ଅନ୍ୟ ଜଣେ ଭଦ୍ରକ ପୌରପାଳିକାର ୧୪ ନଂ. ୱାର୍ଡ଼ରୁ ଚିହ୍ନଟ ହୋଇଛନ୍ତି। ଫଳରେ ଭଦ୍ରକ ପୌରପାଳିକାର ୧୪ ନଂ. ୱାର୍ଡ଼କୁ କଣ୍ଟେନମେଣ୍ଟ ଜୋନ୍ ଓ ୧୯ନଂ. ୱାର୍ଡ଼କୁ ବଫର୍ ଜୋନ୍ ଭାବେ ଘୋଷଣା କରାଯାଇଛି। ଭଣ୍ଡାରିପୋଖରୀ ବ୍ଲକର ଚିଙ୍ଗୁଡ଼ିପୁର ହାଇସ୍କୁଲକୁ କଣ୍ଟେନମେଣ୍ଟ ଜୋନ ଓ ବିଷ୍ଣୁପୁର ପଞ୍ଚାୟତକୁ ବଫର୍ ଜୋନ୍ ଭାବେ ଘୋଷଣା କରାଯାଇଛି। ୨୭୧ ଜଣ ସୁସ୍ଥ ହୋଇସାରିଲେଣି। ମୟୂରଭଞ୍ଜ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୫୩କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୭ ଜଣ ସଙ୍ଗରୋଧ ଗୃହରୁ ଚିହ୍ନଟ ହୋଇଥିବା ବେଳେ ୬ଜଣ ସ୍ଥାନୀୟ ସଂକ୍ରମଣ ବୋଲି ପ୍ରଶାସନ ସୂଚନା ଦେଇଛି। ବାରିପଦା ସହରରୁ ଜଣେ, ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରୁ ୨ ଜଣ, ମୋରଡ଼ା ଓ ଉଦଳା ବ୍ଲକ ଅଞ୍ଚଳରୁ ୩ ଜଣ ଲେଖାଏଁ ଓ ବହଳଦା ବ୍ଲକ ଅଞ୍ଚଳରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝର ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୧୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୮୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ନୂଆ ୨୩ପଜିଟିଭଙ୍କ ମଧ୍ୟରୁ ୫ଜଣ କ୍ୱାରାଣ୍ଟାଇନ ସେଣ୍ଟରରେ ଚିହ୍ନଟ ହୋଇଥିବା ବେଳେ ଜଣେ ହୋମ କ୍ୱାରାଣ୍ଟାଇନ ଓ ଅନ୍ୟ ୧୭ଜଣ ଲୋକାଲ କେସ୍ ବୋଲି ସୂଚନା ମିଳିଛି।

# ବୃଦ୍ଧ ଦମ୍ପତିଙ୍କୁ ଉଦ୍ଧାର କଲା ପ୍ରଶାସନ



ଉଦ୍ଧାର ହୋଇଥିବା ବୃଦ୍ଧ ଦମ୍ପତିଙ୍କ ସହ ପ୍ରଶାସନିକ ଅଧିକାରୀମାନେ।

ଚିତ୍ରଡ଼ା,୧୩।୭(ଡି.ଏନ୍.ଏ.)

ଭଙ୍ଗା କୁଡ଼ିଆରେ ଅସହାୟ ଜୀବନ ବିତାଉଥିବା ବୃଦ୍ଧ ଦମ୍ପତିଙ୍କୁ ମୟୂରଭଞ୍ଜ ଜିଲା ପ୍ରଶାସନ ଉଦ୍ଧାର କରିଛି। ମୋରଡ଼ା ବ୍ଲକ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ସନ୍ନ୍ୟାସୀ ଗ୍ରାମର ଏହି ଦମ୍ପତି ଦୁଇକା ହାଁସଦା(୭୭) ଓ ତାଙ୍କ ଦିବ୍ୟାଙ୍ଗ ସ୍ତ୍ରୀ ଫୁଲମଣି(୬୭)ଙ୍କୁ ବାରିପଦା ପାଳବଣିସ୍ଥିତ ବୃଦ୍ଧାଶ୍ରମରେ ଛଡ଼ାଯାଇଛି।

ସମ୍ପର୍କୀୟମାନେ ନ ପଚାରିବାରୁ ୮ ବର୍ଷ ହେଲା ଦୁଇକା ଓ ଫୁଲମଣି ଭଙ୍ଗା କୁଡ଼ିଆରେ ପଲିଥିନ ଟାଙ୍ଗି ରହୁଥିଲେ। ତାଙ୍କ ଅସହାୟତା ସମ୍ପର୍କରେ ଜାଣି ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ଜିଲା ପ୍ରଶାସନ ସହିତ ଆଲୋଚନା କରିଥିଲେ। ସୋମବାର ରାଜ୍ୟ କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଦିବ୍ୟାଙ୍ଗ ବୃଦ୍ଧ ଦମ୍ପତିଙ୍କୁ ନୂଆ ବସ୍ତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ବିନ୍ଧାଣି, ଆର୍‌ଡିଏସି ଟ୍ରଷ୍ଟର ସମ୍ପାଦକ ବିଜୟ କୁମାର ବେହେରା ପ୍ରମୁଖ ପହଞ୍ଚି ବୃଦ୍ଧ ଦମ୍ପତିଙ୍କୁ ଉଦ୍ଧାର କରିଥିଲେ। ଜିଲା ପ୍ରଶାସନ ତାଙ୍କର ସମସ୍ତ ଦାୟିତ୍ୱ ବହନ କରିବ ବୋଲି ସୂଚନା ମିଳିଛି।

## ଯାତ୍ରା କଳାକାରଙ୍କୁ ସହାୟତା

ହାଟଡ଼ିହୀ,୧୩।୭(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଅଣାଧୁନି ମଠରେ ବିଭିନ୍ନ ଅଞ୍ଚଳରୁ ଛୋଟ ଓ ମଧମ ଯାତ୍ରାପାର୍ଟିରେ ଅଭିନୟକରି ଜୀବିକା ନିର୍ବାହ କରୁଥିବା ଯାତ୍ରା କଳାକାରଙ୍କୁ ଭାଜପା ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଯେଉଁମାନେ ଯାତ୍ରାପାର୍ଟିରେ କାମକରି ଗୁଜୁରାଣ ମେଣ୍ଟାଉଥିଲେ, ସେମାନଙ୍କର ବିକଳ୍ପ ରୋଜଗାର ପନ୍ଥା ନ ଥିବାରୁ ପରିବାର ପ୍ରତିପୋଷଣରେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏପରିକି ଲକ୍‌ଡାଉନ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ଘଟଣା ନଜରକୁ ଆସିବା ପରେ ଆନନ୍ଦପୁର ଭାଜପା ନେତା ଆଲୋକ ସେଠୀଙ୍କ ସହ ଭାଜପା ସଙ୍ଗଠନ ପକ୍ଷରୁ ସହାୟତା ଦିଆଯାଇଛି। ଆଲୋକ ସେଠୀଙ୍କ ସହ ଭାଜପା କାର୍ଯ୍ୟକର୍ତ୍ତା ଜ୍ଞାନରଞ୍ଜନ ସାମନ୍ତ ସିଂହାର, ସୁଶାନ୍ତ କୁମାର ଜେନା, ହରମୋହନ ଶାସିନୀ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଚାଉଳ, ଚୁଡ଼ା, ଚିନି, ଡାଲି ଓ ସାବୁନ ପରି ଅତ୍ୟାବଶ୍ୟକ ଦ୍ରବ୍ୟ ପ୍ରଦାନ କରିଥିଲେ। ଆନନ୍ଦପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଯାତ୍ରା କଳାକାର ଯେଉଁମାନେ ଅତ୍ୟନ୍ତ ଅସହାୟ ଭାବେ ଜୀବନ ନିର୍ବାହ କରୁଛନ୍ତି ସେମାନଙ୍କୁ ଚିହ୍ନଟ ପୂର୍ବକ କେନ୍ଦୁଝର ଜିଲାପାଳ ତୁରନ୍ତ ସହାୟତା ଦେବାକୁ ଆଲୋକ ଦାବି କରିଛନ୍ତି।

# ସେତୁ ମରାମତିରେ ବିଳମ୍ବ

ଆନନ୍ଦପୁର,୧୩।୭(ସ୍ୱ.ପ୍ର.)

**କରୋନା ପ୍ରତିବନ୍ଧକ**

କେନ୍ଦୁଝର ଜିଲା ଆନନ୍ଦପୁର ବିପଦପୂର୍ଣ୍ଣ ବୈତରଣୀ ସେତୁର ମରାମତିରେ ବିଳମ୍ବ ଘଟିପାରେ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। କରୋନା ଏହାର ମୁଖ୍ୟ ପ୍ରତିବନ୍ଧକ ସାଜିଛି। କରୋନା ପାଇଁ ସେତୁ ମରାମତିରେ ଅଭିଜ୍ଞ ଠିକାଦାର ହାତକୁ ଦାୟିତ୍ୱ ନେବାକୁ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି। ମରାମତି କାର୍ଯ୍ୟ ତ୍ୱରାନ୍ୱିତ ଦିଗରେ ଆନନ୍ଦପୁର ପୂର୍ତ୍ତ ବିଭାଗ ପକ୍ଷରୁ ବ୍ୟୟ ଅଟକଳର ପ୍ରସ୍ତାବ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଯାଇଥିବା ଏବଂ ଟେଣ୍ଡର କରାଯାଇ ମାସେ ଭିତରେ ମରାମତି କାର୍ଯ୍ୟ କରାଯିବାକୁ ସ୍ଥାନୀୟ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର କୁମାର ଅଧିକାରୀ ସୂଚନା ଦେଇଛନ୍ତି। ଏହା ସହିତ ଜରୁରିକାଳୀନ ଭିତ୍ତିରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ସେତୁର ୯ ନମ୍ବର ପିଲାରର ମରାମତି କରାଯିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ଏବଂ ଏଥିପାଇଁ ପାଖାପାଖି ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଥିବା ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ,୨୦୧୮ ଜୁଲାଇ ୬ ତାରିଖରେ ସେତୁର ୭ନଂ. ପିଲାରରୁ ଏକ ବେରିଂ ଖସିଥିଲା। ୨୦୧୯ ଜୁଲାଇ ୧୨ ତାରିଖରେ ୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହାର ମରାମତି କରାଯାଇଥିଲା। ପୁନର୍ବାର ସେତୁର ତିନିଗୋଟି ସ୍ଲାବ୍ ଦବିବା ଘଟଣାରେ ଏକ ଟେକ୍ନିକାଲ ଟିମ୍ ଘଟଣାର ଅନୁଧ୍ୟାନକରି ଫେରିବା ପରେ ସେତୁ ବିପଦସଙ୍କୁଳ ଥିବା ଜଣାପଡ଼ିଥିଲା। ଏହି ସେତୁର ସ୍ଥାୟିତ୍ୱକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଏବଂ ଜିଲାପାଳଙ୍କ ସହ ଆଲୋଚନା ପରେ ସେତୁର ଉଭୟ ପାର୍ଶ୍ୱରେ ଭାରିଯାନ ଚଳାଚଳ ଦିଗରେ ରୋକ୍ ଲଗାଇବା ପାଇଁ ସୂଚନା ଫଳକ ଲଗାଯାଇଛି। ୫୩ ନଂ. ରାଜ୍ୟ ରାଜପଥ ଏବଂ ୨୦ ନଂ. ଜାତୀୟ ରାଜପଥକୁ ଯୋଗାଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବୈତରଣୀ ସେତୁ ବାରମ୍ବାର ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିବା ଘଟଣାକୁ ନେଇ ବର୍ଷାଦିନ ପରେ ସେତୁର ସମସ୍ତ ପିଲାର ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ମଦଭାଟି ଉପରେ ଚଢ଼ାଉ

ରାଇରଙ୍ଗପୁର,୧୩।୭(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସର୍କଲ ଅବକାରୀ ପୋଲିସ ପକ୍ଷରୁ ବହଳଦା ଥାନା ଅଧୀନ ଅଁଳାଯୁଡ଼ି ନିକଟସ୍ଥ କୁଦରସାହି ଗ୍ରାମ ପାର୍ଶ୍ୱ ଏକ ଦେଶୀ ରନ୍ଧା ମଦଭାଟିରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ସେଠାରୁ ୨୩ ଲିଟର ଦେଶୀ ମଦ, ୮ଶହ କେ.ଜି. ପୋଚ ଓ ମଦ ରନ୍ଧା ସାମଗ୍ରୀ ଜବତ ହୋଇଛି। ଗିରଫ ଭୟରେ ମଦ ମାଫିଆମାନେ ଫେରାର ହୋଇଯାଇଥିବା ଅବକାରୀ ପୋଲିସ କହିଛି।

## ପୋଖରୀରେ ବୁଡ଼ି ଶିଶୁ କନ୍ୟା ମୃତ

ଢେଙ୍କିକୋଟ, ୧୩।୭(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ କପାସପଡ଼ା ଗ୍ରାମ ପୋଖରୀରେ ବୁଡ଼ି ଦେଢ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟା ହେଲେ ସୁଶାନ୍ତ ନାଏକଙ୍କ ଝିଅ ମୁନମୁନ। ଗତ ରବିବାର ସନ୍ଧ୍ୟାରେ ଶିଶୁକନ୍ୟା ଜଣଙ୍କ ଗାଁ ପୋଖରୀରେ ଅସାବଧାନତାବଶତଃ ବୁଡ଼ିଯାଇଥିଲେ। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଆପରାଧିକ ସମସ୍ୟା ନେଇ ପୂର୍ବାଞ୍ଚଳ ଆଇଜିଙ୍କୁ ଭେଟିଲେ ନଳିନୀ

ଭଦ୍ରକ ଅଫିସ,୧୩।୭

ଭଦ୍ରକର ବିଭିନ୍ନ ଆପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି ସୋମବାର ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଭଦ୍ରକରେ ଚାଲୁଥିବା ଅବାଧ ନିଶା କାରବାର, ଡ୍ରଗ୍ସ, ମଦ କାରବାରର ମାଷ୍ଟର ମାଇଣ୍ଡକୁ ଗିରଫ କରିବା, ଶୋରୁମ୍ କର୍ମଚାରୀ ଚିତ୍ତରଞ୍ଜନଙ୍କ ମୃତ୍ୟୁର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି ରଖିଛନ୍ତି। ଆଲୋଚନା ସମୟରେ ବାଲେଶ୍ୱରରୁ ମୋଟର ସାଇକେଲରେ ବ୍ରାଉନ ସୁଗାର ଭଦ୍ରକ ଜିଲାକୁ କିଭଳି ଆସୁଛି, କେନ୍ଦୁଝର ଜିଲାରୁ ଚୋରାରେ ଦେଶୀ ମଦ କିଭଳି ଭଦ୍ରକକୁ ଆସୁଛି ଭଦ୍ରକର ବିଭିନ୍ନ ସାହି ବସ୍ତିଠାରୁ ଆରମ୍ଭ କରି ଛକ, ବଜାରମାନଙ୍କରେ ବ୍ୟାପକ ଭାବେ ଚୋରା ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ବିକ୍ରି ହେଉଛି ସେ ସମ୍ପର୍କରେ ମହାନ୍ତି ଆଲୋଚନା କରିଥିଲେ। ଆଇଜି ପଟ୍ଟନାୟକ ତୁରନ୍ତ ଏ ସମ୍ପର୍କରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ମହାନ୍ତି କହିଛନ୍ତି। ଆଇଜିଙ୍କୁ ଭେଟିବା ସମୟରେ ମହାନ୍ତିଙ୍କ ସହିତ ବରିଷ୍ଠ କଂଗ୍ରେସ ନେତା ସୁବ୍ରତ ଦାସ ମଧ ଉପସ୍ଥିତ ଥିଲେ।

## ଗର୍ଭବତୀଙ୍କୁ ଆକ୍ରମଣ, ୨ ଗିରଫ

ଭଣ୍ଡାରିପୋଖରୀ, ୧୩।୭(ଡି.ଏନ୍.ଏ.)

ଘର ଛାତ ତାଜା ବୃଦ୍ଧି ନେଇ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବିରୋଳି ଗ୍ରାମର ଜଣେ ଗର୍ଭବତୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ.୧୨୫/୨୦୨୦) ରୁଜୁ କରି ସେହି ଗ୍ରାମର ପ୍ରଦୀପ ପଣ୍ଡା ଓ ଶ୍ରୀକାନ୍ତ ପଣ୍ଡାଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ଶ୍ରୀକାନ୍ତ ପଣ୍ଡା ପାଲଟା ଅଭିଯୋଗ କରି ଭାରତୀ ପଣ୍ଡା,ସଞ୍ଜୟ ପଣ୍ଡା ଓ ସସ୍ମିତା ପଣ୍ଡା ତାଙ୍କୁ ଗାଳି ଗୁଲଜ କରିଥିବା ଦର୍ଶାଇଛନ୍ତି। ପୋଲିସ ଅନ୍ୟ ଏକ ମାମଲା (ନଂ.୧୨୬/୨୦୨୦)ରୁଜୁ କରିଛି।

## ଡମ୍ପର ଦୁର୍ଘଟଣାରେ ହେଲ୍‌ପର ମୃତ

ଯୋଡ଼ା, ୧୩।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ମୁର୍ଗା-ସାରଦା ଖଣି ରୋଡ୍‌ରେ ରବିବାର ଏକ ଡମ୍ପର ଦୁର୍ଘଟଣାରେ ହେଲପର୍‌ଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ପ୍ରାୟ ୧୧ଟା ୩୦ରେ ଏକ ଡମ୍ପର ସାରଦା ଖଣିରୁ ଖଣିଜ ବୋଝେଇ କରି ମୁର୍ଗା ଅଭିମୁଖେ ଆସୁଥିବା ବେଳେ ଡମ୍ପରଟିର ବ୍ରେକ୍ ଫେଲ ହୋଇଯିବାରୁ ଉକ୍ତ ଡମ୍ପର ହେଲପର ଦୀନେଶ ଚୌଧୁରୀ(୪୪) ଗାଡିରୁ ଡେଇଁ ପଡିଥିଲେ। ଫଳରେ ସେ ଡମ୍ପର ଚକ ତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ ଦୀନେଶଙ୍କ ଘର ଝାଡଖଣ୍ଡ ରାଜ୍ୟ କୀତାଡୀହା ଗ୍ରାମରେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା (ନଂ.୧୧୩/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଥିବା ବିଲେଇପଦା ଫାଣ୍ଡି ଅଧିକାରୀ ଶେଖ୍ ଆଜାରୁଦ୍ଦିନ୍ ସୂଚନା ଦେଇଛନ୍ତି।

## ଜଳେଶ୍ୱରରେ ୧୦ ପ୍ରବେଶ ପଥ ସିଲ୍

ଜଳେଶ୍ୱର,୧୩।୭(ସ୍ୱ.ପ୍ର.)

ପଶ୍ଚିମବଙ୍ଗକୁ ଲାଗିଥିବା ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟାକୁ ନଜରରେ ରଖି ଜିଲାପାଳ ଭିଡ଼ିଓ କନଫରେନ୍ସିଂରେ ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ପୌର ଅଧିକାରୀ ଅଜୟ କୁମାର ମହାପାତ୍ର, ବିଡିଓ ଦୀପ୍ତିରଞ୍ଜନ ସେଠୀ, ଆଇଆଇସି ଧନେଶ୍ୱର ସାହୁ ପ୍ରମୁଖ ମ୍ୟୁନିସିପାଲିଟି ଶଟ୍‌ଡାଉନ ସମ୍ପର୍କରେ ଖସଡ଼ା ପ୍ରସ୍ତୁତ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ମ୍ୟୁନିସିପାଲଟିର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, କମ୍ପାନୀ, ବ୍ୟବସାୟ ପ୍ରତିଷ୍ଠାନ, ଯାନବାହନ ଚଳାଚଳ ବନ୍ଦ ରଖାଯାଇଛି। ଆସନ୍ତା ଶୁକ୍ରବାର ସକାଳ ୫ଟା ପର୍ଯ୍ୟନ୍ତ ଶଟଡାଉନ ଜାରି ରହିବ। ପ୍ରଶାସନ ନିଷ୍ପତ୍ତି ଅନୁଯାୟୀ ମ୍ୟୁନିସିପାଲିଟିର ୧୦ ପ୍ରବେଶ ପଥକୁ ସିଲ୍ କରାଯାଇଛି। ଜଳେଶ୍ୱର-ଅଗ୍ରୱାଲା ରାସ୍ତାର ସତ୍‌ସଙ୍ଗ ବିହାର, ଚାଲନ୍ତି ବାଇପାସ୍, ଜଳେଶ୍ୱର-ରାୟାରାମଚନ୍ଦ୍ରପୁର ଓ ଜଳେଶ୍ୱର ପଶ୍ଚିମବାର୍ଡ଼ ଚୈତନ୍ୟସାହୁ ଗଳି, ଚକବିଷ୍ଣୁ ରାସ୍ତା, ଶାନ୍ତିଆ ରେଳ ଫାଟକ, ଶିଖରପୁର ଯିବା ଲାଗି ବ୍ରିଜ୍ ରାସ୍ତା, ପଞ୍ଚୁଘଣ୍ଟା ବାଲିଖାଦାନ ରାସ୍ତା ଆଦି ସିଲ କରାଯାଇଛି। କେବଳ ଜଳେଶ୍ୱର ୬୦ନଂ. ଜାତୀୟ ରାଜପଥ ବାଇପାସ୍ ଛକଠାରେ ସହରକୁ ପ୍ରବେଶ କରିବା ଲାଗି ବ୍ୟବସ୍ଥା ରହିଛି। ଏଥିଲାଗି ପ୍ରଶାସନର ଅନୁମତି ଆବଶ୍ୟକ।

# କୋଭିଡ୍ ନିୟମ ଉଲ୍ଲଂଘନ: ୭ ପାଥୋଲାବ୍ ସିଲ୍

ବାଲେଶ୍ୱର ଅଫିସ,୧୩।୭

ବାଲେଶ୍ୱର ସହର ମଧ୍ୟସ୍ଥଳୀରେ ଥିବା ଜିଲା ମୁଖ୍ୟଚିକିତ୍ସାଳୟ ନିକଟସ୍ଥ ୧୧ଟି ପାଥୋଲାବ୍ ଉପରେ ସୋମବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟବିଭାଗ, ଜିଲାପ୍ରଶାସନ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରି କୋଭିଡ୍-୧୯ ନିୟମ ଉପରେ ଯାଞ୍ଚ କରିଥିଲେ। ଏଥିମଧ୍ୟରୁ ୭ଟି ପାଥୋଲାବ୍‌ରେ ଗହଳି ସହ ସାମାଜିକ ଦୂରତା ଅବମାନନା, ସାନିଟାଇଜର ଓ ମାସ୍କ ବ୍ୟବହାର ନ କରିବା ଭଳି ଅଭିଯୋଗରେ ସିଲ୍ କରାଯାଇଥିବା ଅତିରିକ୍ତ ତହସିଲଦାର ଶତ୍ରୁଘ୍ନ ସେଠୀ ସୂଚନା ଦେଇଛନ୍ତି।

ସେହିପରି ଗତ ରବିବାର ପରିବାର ସେବା କ୍ଲିନିକ୍‌ର ଜଣେ କର୍ମଚାରୀ କରୋନା ପଜିଟିଭ୍ ଜଣାପଡ଼ିବା ପରେ ଜିଲାପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଜଣେ ଡ୍ରାଇଭର କରୋନା ପଜିଟିଭ୍ ବାହାରିବା ପରେ ୫ଜଣ କର୍ମଚାରୀଙ୍କ ସ୍ୱାବ ସଂଗ୍ରହ ସହ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟକୁ ବନ୍ଦ କରାଯାଇଥିବା ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିସହିତ ସମସ୍ତ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାର ଗୋଟିଏ ସ୍ଥାନୀୟ ଖବରକାଗଜର ସମ୍ପାଦକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସୋମବାର ତାଙ୍କୁ କୁରୁଡ଼ା ସ୍ଥିତ ଜିଲା କୋଭିଡ୍ ହସ୍‌ପିଟାଲକୁ ନିଆଯାଇଥିବା ବେଳେ ଅଫିସ୍‌ର ସମସ୍ତ କର୍ମଚାରୀଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇଛି।




ପାଥୋଲାବ୍ ଉପରେ ପ୍ରଶାସନର ଚଢ଼ାଉ।

